## ଜାଡ଼ରେ ଥରୁଛି ରାମଗିରି

ରାମଗିରି,(ବୃନ୍ଦାବନ ଗୌଡ଼)-ଶୀତର ପ୍ରଭାବ ବଢ଼ିବାରେ ଲାଗିଛି। ତାପମାତ୍ରା ସର୍ବନିମ୍ନ ହ୍ରାସ ପାଇବାରୁ ସମତଳ ସହ ପାହାଡିଆ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ଶୀତ ଅନୁଭୂତ ହେଉଛି। ପାହାଡ଼ ଅଧୁଷିତ ଗଜପତି ଜିଲାର ଆର.ଉଦୟଗିରି ବ୍ଲକ ସଦର ମହକୁମା ଏବଂ ରାମଗିରି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଶୀତର ପ୍ରଭାବ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ସକାଳ ସମୟରେ ବହୁ ମାତ୍ରାରେ କୁହୁଡି ଯୋଗୁ ଯାନବାହାନ ଯାତାୟାତରେ ବାଧା ଉପୁଜୁଛି। ଶୀତର ପ୍ରକୋପରେ ଲୋକମାନଙ୍କ ସହ ଗୃହପାଳିତ ପ୍ରାଣୀ ଓ ପକ୍ଷୀମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି।

## ଗଞ୍ଜେଇ ସହ ବାଇକ୍ ଜବତ

ଦିଗପହଣ୍ଡି,୧୦।୧(ଅଶେଷ ନାଥ ମିଶ୍ର)- ବାଇକ୍‌ରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଜଣେ ବ୍ୟକ୍ତି ଧରା ପଡ଼ିଛନ୍ତି। ତାଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁର ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରିଛି। ସେ ହେଲେ ଗଜପତି ଜିଲା ମୋହନା ଥାନା କିର୍ଡ଼ିଗି ଗ୍ରାମର ଜିତେନ୍ଦ୍ର ପାଇକ। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଅବକାରୀ ମାମଲା ନଂ.୧୮୧/୨୪-୨୫। ଖବରରୁ ଜଣାପଡିଛି, ଗୁରୁବାର ମଧ୍ୟାହ୍ନରେ ଦିଗପହଣ୍ଡି ପୁଞ୍ଜିକଂୟା ଛକରେ ଅବକାରୀ କର୍ମଚାରୀ ଗାଡ଼ିମୋଟର ଯାଞ୍ଚ କରୁଥିବା ବେଳେ ଜିତେନ୍ଦ୍ରଙ୍କ ବାଇକ୍ (ନଂ.ଓଆର୦୭ଟି -୫୦୪୩)କୁ ଯାଞ୍ଚ କରିଥିଲେ। ସେଥିରୁ ଗଞ୍ଜେଇ ମିଳିବା ପରେ ବାଇକ୍ ଓ ଗଞ୍ଜେଇ ଜବତ କରାଯାଇଥିଲା। ଜିତେନ୍ଦ୍ରଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା କରିଥିଲା। ଏହି ଗଞ୍ଜେଇ ସେ ମୋହନାରୁ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଜବତ ଗଞ୍ଜେଇର ପରିମାଣ ୭ କେଜି। ଏହି ଚଢ଼ାଉ ଧରପଗଡ଼ରେ ଅବକାରୀ ଏଏସ୍‌ଆଇ ଏନ୍. ତ୍ରିପତି, କନ୍‌ଷ୍ଟେବଲ ନୀର ବେହେରା, ଆଲଫଲତା ସାହୁ ସାମିଲ ଥିଲେ।

## ସଡ଼କ ସୁରକ୍ଷା ସଚେତନତା ରାଲି

ଆର୍.ଉଦୟଗିରି,୧୦।୧(ମନୋଜ କୁମାର ପାଢୀ): ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା ରାଲି କରିଛନ୍ତି। ସେମାନେ ବିଭିନ୍ନ ପ୍ରକାର ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ମହେନ୍ଦ୍ରଗଡ଼ ଗ୍ରାମ ପରିକ୍ରମା କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ସଞ୍ଜୀବ କୁମାର ଦାସ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ହେଲମେଟ ପିନ୍ଧି ନ ଥିବା ବାଇକ୍ ଆରୋହୀଙ୍କୁ ଫୁଲଦେଇ ସଚେତନ କରାଯାଇଥିଲା। ମୁଖ୍ୟ ରାସ୍ତାରେ ଯାଉଥିବା ଯାନବାହାନ ଆରୋହୀଙ୍କୁ ସଚେତନ କରାଯାଇଥିଲା।

## ଘନଶ୍ୟାମ କଲେଜରେ ପ୍ରବାସୀ ଭାରତୀୟ ଦିବସ

କବିସୂର୍ଯ୍ୟନଗର,୧୦।୧(କବିସୂର୍ଯ୍ୟନଗର): କବିସୂର୍ଯ୍ୟନଗରସ୍ଥିତ ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ଅଧ୍ୟକ୍ଷ ଅବନୀ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ, ସାରସ୍ୱତ ବକ୍ତା ଭାବେ ଅଧ୍ୟାପକ ଡ଼. ନରେନ୍ଦ୍ର କୁମାର ଦାସ, ମୁଖ୍ୟ ଉପଦେଷ୍ଟା ଭାବେ ଅଧ୍ୟାପକ ନରସିଂହ ପାଢ଼ୀ ମଞ୍ଚାସୀନ ଥିଲେ । ଅଧ୍ୟାପକ ପ୍ରଭାତ କୁମାର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟାନ୍ୟ ଅତିଥିଙ୍କ ଅଧ୍ୟାପିକା ସୌଭାଗ୍ୟ ମଞ୍ଜରୀ ନାଥ, ରୁନି ପାଣିଗ୍ରାହୀ, ଗ୍ରନ୍ଥାଗାରିକା ସୁଇଟି ସ୍ୱାଇଁ, ଧରିତ୍ରୀ ପ୍ରଧାନ, ସୀତାରାମ ମହାରଣା ଓ ବାବୁଲା ମଣ୍ଡଳ ଉପସ୍ଥିତ ଥିଲେ। ଅତିଥିଗଣ ପ୍ରବାସୀ ଭାରତୀୟଙ୍କ ସହଯୋଗ ସମ୍ପର୍କରେ ମତ ରଖିଥିଲେ।

## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ

ଖଜୁରିପଡ଼ା,୧୦।୧(ବିଦୁର ବେହେରା) ଖଜୁରିପଡ଼ା ଥାନା ଅନ୍ତର୍ଗତ ଅରାପାଜୁ ପଞ୍ଚାୟତର ବୁଢ଼ା ରାକାଡ଼ି, କରୁଣା ଗାଁ,ଦେରଡାଗାଁରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଉକ୍ତ ସ୍ଥାନରେ ଗଞ୍ଜେଇ ଗଛ ଲାଗି ଥିବା ଖବର ପାଇ ଏସ ଆଇ ଦୀନବନ୍ଧୁ ପ୍ରଧାନ, ତହସିଲଦାର ସୌମ୍ୟ ରଞ୍ଜନ ପାତ୍ରଙ୍କ ସମେତ ପୋଲିସ ବାହିନୀ ପହଞ୍ଚି ୬୫ ଏକର ଜମିର ଗଞ୍ଜେଇ ଗଛ କାଟିନଷ୍ଟ କରିଛନ୍ତି।

# ଶିଳାନ୍ୟାସରେ ଅଟକିଛି ଋଷିକୁଲ୍ୟା-ବଂଶଧାରା ସଂଯୋଗୀକରଣ

### ନଦୀ ମିଶ୍ରଣକୁ ସରକାର ଗୁରୁତ୍ୱ ଦେବାକୁ ଦାବି

ବ୍ରହ୍ମପୁର,୧୦।୧(ନରସିଂହ ସାହୁ) ଋଷିକୁଲ୍ୟା ସହ ବଂଶଧାରା ନଦୀର ସଂଯୋଗୀକରଣ କରିବାକୁ ଦାବି ହେଉଛି। ଏହା ହେଲେ ଉଭୟ ନଦୀର ବନ୍ୟାଜଳ ନିୟନ୍ତ୍ରଣ ହେବ ଏବଂ ଗଞ୍ଜାମ ଓ ଗଜପତି ଜିଲାର ଅନେକ ଅଞ୍ଚଳରେ ପିଇବା ପାଣି ସଙ୍କଟର ସମାଧାନ ହେବ। ଏଥିସହ କୃଷି କାର୍ଯ୍ୟକ୍ରମ ଲାଗି ପର୍ଯ୍ୟାପ୍ତ ସେଚ ବ୍ୟବସ୍ଥା ହୋଇପାରିବ ବୋଲି ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାର ଜୀବନରେଖା ଋଷିକୁଲ୍ୟା ଖରାଦିନେ ଶୁଖିଯାଉଛି। ଏହାକୁ ଚିରସ୍ରୋତା କରିବା ନିମନ୍ତେ ମହାନଦୀର ସଂଯୋଗୀକରଣ କରିବାକୁ ଦାବି ହେଉଛି। ପୂର୍ବ ସରକାର ଅମଳରୁ ଏହି ଦୁଇ ପ୍ରସ୍ତାବ କାର୍ଯ୍ୟକାରୀ କରିବା ଲାଗି ବହୁବାର ଦାବି ସହ ଆନ୍ଦୋଳନ ମଧ୍ୟ ହୋଇଥିଲା। ତଥାପି ଆଖି ବୁଜି ଦିଆଯାଇଥିଲା।

ସୂଚନାଯୋଗ୍ୟ, ୨୦୦୦ ଓ ୨୦୦୪ ନିର୍ବାଚନରେ ବିଜେଡି ଓ ଭାଜପା ମେଣ୍ଟ ସରକାର ହୋଇଥିଲା। ପ୍ରଥମ ମେଣ୍ଟ ସରକାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳ ସମ୍ପଦ ବିଭାଗ ନିଜ ପାଖରେ ରଖିଥିଲେ। ତତ୍କାଳୀନ ଜୟପୁର ବିଧାୟକ ରବି ନନ୍ଦ ଜଳ ସମ୍ପଦ ବିଭାଗର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ବଂଶଧାରା ଓ ଋଷିକୁଲ୍ୟା ମିଶ୍ରଣ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ତେଣୁ ତତ୍କାଳୀନ ସରକାର ମଧ୍ୟ ଗୁରୁତ୍ୱ ଦେଇଥିବାରୁ ଏହାର ସର୍ଭେ ହୋଇଥିଲା ଏବଂ ରାୟଗଡ଼ା ଜିଲାର ଗୁଡ଼ାରୀ ନିକଟରେ ବଂଶଧାରା କୂଳରେ ରାଷ୍ଟ୍ରମନ୍ତ୍ରୀ ଯୋଜନା ପାଇଁ ଶୁଭ ଦେଇଥିଲେ।

ଏହାର ଦୁଇ ଦଶନ୍ଧି ବିତିଛି ଏବଂ ମିଶ୍ରଣ ଯୋଜନା ଶିଳାନ୍ୟାସରେ ଅଟକିଯାଇଛି। ବଂଶଧାରା ପାଣିକୁ ଗଜପତି ଜିଲାର ଅଡ଼ବା ନିକଟ ପଦ୍ମାନଦୀକୁ ଅଣାଯାଇ ସେଠାରୁ ଗଞ୍ଜାମ ଜିଲାରେ ଋଷିକୁଲ୍ୟାରେ ମିଶ୍ରଣ କରିବାକୁ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଫଳରେ ଶେରଗଡ଼ରୁ ହିଞ୍ଜିଳି ଅଞ୍ଚଳର ଅନେକ ଗ୍ରାମକୁ ଜଳସେଚନ ବ୍ୟବସ୍ଥାରେ ଉନ୍ନତି ଘଟିବା ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ହେଲେ ଏଯାବତ୍ ପ୍ରସ୍ତାବିତ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସେହିପରି ଋଷିକୁଲ୍ୟା-ମହାନଦୀ ମିଶ୍ରଣ ଲାଗି ପ୍ରଥମ ମେଣ୍ଟ ସରକାର ବେଳେ ଦାବି ଉଠିଥିଲା। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଦାବି ହାସଲ ପାଇଁ ଛତ୍ରପୁରରେ ବୃହତ୍ତ ଚାଷୀ ଆନ୍ଦୋଳନ କରିଥିଲେ। ନଦୀ ମିଶ୍ରଣ କରାଯିବ ବୋଲି ତତ୍କାଳୀନ ମନ୍ତ୍ରୀ ମଙ୍ଗଳା କିଷାନ ଗୃହରେ ସୂଚନା ଦେଇଥିଲେ। ତେବେ ଏହି ଯୋଜନା ମଧ୍ୟ ପୂର୍ବ ସରକାର ଅମଳରେ ହୋଇପାରିଲାନି। ବର୍ତ୍ତମାନ ନିର୍ବାଚନରେ ରାଜନୀତି ବଦଳିଛି ଏବଂ ଭାଜପା କ୍ଷମତାକୁ ଆସିଛି। ନୂଆ ସରକାର ନିର୍ବାଚନୀ ସଂକଳ୍ପ ପତ୍ରରେ ଅନେକ ସ୍ୱପ୍ନ ଦେଖାଇଛନ୍ତି। ବଂଶଧାରା-ଋଷିକୁଲ୍ୟା ମିଶ୍ରଣ କଲେ ଯୋଜନା କାର୍ଯ୍ୟକାରୀ କଲେ ଉଭୟ ନଦୀର ବନ୍ୟା ଜଳ ନିୟନ୍ତ୍ରଣ ଏବଂ ଋଷିକୁଲ୍ୟା-ମହାନଦୀ ମିଶ୍ରଣ ହେଲେ ବିପଦରେ ଥିବା ଋଷିକୁଲ୍ୟା ଚିରସ୍ରୋତା ହୋଇପାରିବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

# ବଟେଶ୍ୱର ମନ୍ଦିର ଉନ୍ନତୀକରଣ ପାଇଁ ସ୍ମାରକପତ୍ର


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଫେରିଥିବା କମିଟି କର୍ମକର୍ତ୍ତା।

ଛତ୍ରପୁର,୧୦।୧(ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର କଣ୍ଟିଆଗଡ ଗ୍ରାମ ନିକଟରେ ଥିବା ପ୍ରସିଦ୍ଧ ଶୈବ ପୀଠ ଶ୍ରୀବଟେଶର ମହାଦେବଙ୍କ ମନ୍ଦିରର ଉନ୍ନତିକରଣ କାର୍ଯ୍ୟର ତରାନ୍ୱିତ ସକାଶେ ଆର୍ଥିକ ପ୍ରୋତ୍ସାହନ ଦେବାକୁ ଶ୍ରୀ ବଟେଶ୍ୱର ମହାଦେବ ଐତିହ୍ୟ ସଂରକ୍ଷଣ କମିଟି ପକ୍ଷରୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅତୀତରେ ଏହି ମନ୍ଦିର ବାଲିରେ ପୋତି ହେବାରେ ଲାଗୁଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ତାର ପୁନଃରୁଦ୍ଧାର କରାଯାଇଥିଲା। ଏହାର ପାରିପାର୍ଶ୍ୱିକ ପରିବେଶକୁ ସୁନ୍ଦର କରି ଶ୍ରଦ୍ଧାଳୁଙ୍କ ପାଇଁ କିଛି ସୁବିଧା କରାଯାଇଛି। ବ୍ଲକ ଏବଂ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଏହାର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲେ ମଧ୍ୟ ଏହାର ଆହୁରି ଉନ୍ନତିକରଣ କାର୍ଯ୍ୟ ବାକି ରହିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିଗୁଡିକ କିଛି ଲୋକ ଜବରଦଖଲ କରିଛନ୍ତି। ଏହାର ସରଜମିନ ତଦନ୍ତ କରି ସେମାନଙ୍କ କବଳରୁ ଏହି ଜମି ଆଣି ରାସ୍ତା ନିର୍ମାଣ କରାଗଲେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଉପକୃତ ହୋଇପାରିବେ । ଏଥିସହିତ ମନ୍ଦିରର ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ପ୍ରଦାନ ବେଳେ କମିଟିର ଉପଦେଷ୍ଟା ଦିଲ୍ଲୀପ ଛୋଟରାୟ, ସଭାପତି ପୀତାମ୍ବର ସ୍ୱାଇଁ, ଉପସଭାପତି ଶବର ସ୍ୱତରାଇ, ସମ୍ପାଦକ ରଞ୍ଜିତ ପଲେଇ, କୋଷାଧ୍ୟକ୍ଷ ନିରାକାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଜପା ନେତାଙ୍କ ଘର ଉପରେ ଆକ୍ରମଣ ଘଟଣାର ସମାଧାନ

ଖଲ୍ଲିକୋଟ,୧୦।୧(ପ୍ରଶାନ୍ତ କୁମାର ମିଶ୍ର)- ଖଲ୍ଲିକୋଟ ଏନ୍‌ଏସି ୭ ନଂ ୱାର୍ଡରେ ଭାଜପା ନେତାଙ୍କ ଘର ଉପରେ ଆକ୍ରମଣ ଘଟଣାରେ ହେଲା ସମାଧାନ। ଭାଜପା ଘୁମୁସର ଜିଲା ସାଧାରଣ ସମ୍ପାଦକ ଅନିଲ ପଣ୍ଡାଙ୍କ ବାସଭବନ ଉପରକୁ ଗୁରୁବାର ୩ଜଣ ଯୁବକ ପଥର ମାଡ଼ କରିଥିଲେ। ଏଥିରେ ଅନିଲ ପଣ୍ଡାଙ୍କ ମୁଣ୍ଡ ଫାଟି ଯାଇଥିଲା। ଆକ୍ରମଣରେ ଆଉ ଜଣେ ଭାଜପା କର୍ମୀ ମଧ୍ୟ ଗୁରୁତର ଆହତ ହୋଇଥିଲେ। ତେବେ ଭାଜପାର ମଣ୍ଡଳ ସଭାପତି ଚୟନକୁ ନେଇ ଏଭଳି ଆକ୍ରମଣ ହୋଇଥିବା ଭାଜପା ନେତା ଅନିଲ ପଣ୍ଡା ଅଭିଯୋଗ କରିବା ପରେ ଖଲ୍ଲିକୋଟ ପୋଲିସ ୭ନଂ. ୱାର୍ଡରେ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ଏଥିପାଇଁ ୭ନଂ.ୱାର୍ଡରେ ମହିଳା ଓ ପୁରୁଷମାନେ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଅଟକ ରଖିଥିବା ୩ ଜଣଙ୍କୁ ଛାଡି ଦେବା ପାଇଁ ସେମାନେ ଦାବି କରିଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ଅନିଲ ପଣ୍ଡାଙ୍କ ବାସଭବନରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରି ସମାଧାନ ହୋଇଥିବା ଜଣାପଡ଼ିଛି। ଏହି ଆଲୋଚନା ସମୟରେ ଭାଜପା ନେତା ଯଜ୍ଞ ନାରାୟଣ ଦାଶ, ଶଙ୍କର ପ୍ରସାଦ ନାହାକ, ଜଗନ୍ନାଥ ଭୂୟାଁ, ଅରୁଣ କୁମାର ଖୁଣ୍ଟିଆଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ, ସ୍ୱାସ୍ଥ୍ୟସେବା ଶିବିର

ଛତ୍ରପୁର,୧୦।୧
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)



ଶିବିରରେ ଅଂଶଗ୍ରହଣ କରିଥିବା ଅତିଥି ଓ ଅନ୍ୟମାନେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟିବିମୁକ୍ତ ଭାରତ ଆହ୍ୱାନକୁ ଆଧାର କରି ଛତ୍ରପୁର ରୋଟାରି କ୍ଲବ ଏବଂ ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ହୋମିଓପାଥି ମହାବିଦ୍ୟାଳୟ ଓ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଓ ନିଃଶୁଳ୍କ ଚିକିତ୍ସା ଶିବିର ବୁଧବାର ପାଲିଆ ଛତ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଚିକିତ୍ସା ଶିବିରରେ ଶତାଧିକ ମହିଳା ପୁରୁଷ ରୋଗୀ ଚିକିତ୍ସିତ ହୋଇ ମାଗଣାରେ ଔଷଧ ନେଇଥିଲେ। ଟିବି, ମଧୁମେହ, ଥାଇରଏଡ, ଗଣ୍ଠିଯନ୍ତ୍ରଣା ଭଳି ଅନେକ ରୋଗୀଙ୍କୁ ଡାକ୍ତର ଚିକିତ୍ସା କରିଥିଲେ। ଏସବୁ ରୋଗ କିପରି ଭାବରେ ହୋମିଓପାଥି ଔଷଧ ଦ୍ୱାରା ଭଲ ହୋଇପାରିବ ସେ ନେଇ ଡାକ୍ତରୀ ଟିମ୍ ବିଭିନ୍ନ ପରାମର୍ଶ ଦେଇଥିଲେ। ଚିକିତ୍ସା ଶିବିର ଆରମ୍ଭ ହେବା ପୂର୍ବରୁ ଏକ ଶୋଭାଯାତ୍ରାରେ ଟିବିମୁକ୍ତ ଭାରତ ଉପରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ରୋଟାରିଆନମାନେ ସାମିଲ ହୋଇ ସଚେତନତା ବାର୍ତ୍ତା ଦେଇଥିଲେ। ଡାକ୍ତର ସିଦ୍ଧେଶ୍ୱର ବେହେରା ଓ ଡାକ୍ତର ବିଜୟଲକ୍ଷ୍ମୀ ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ। ହୋମିଓପାଥି ମହାବିଦ୍ୟାଳୟ ପକ୍ଷରୁ ହୋମିଓପାଥି ଚିକିତ୍ସାଳୟ ଅଧିକାରୀ ଡା. ୱାଇ ଲକ୍ଷ୍ମୀ ଓ ଡା. ଏସ୍.ଏସ୍. ମହାରଣା, ହୋମିଓପାଥି ସହାୟକ ନୀଳମାଧବ, ଲବେରେଟୋରି ଟେକ୍ନିସିଆନ ସସ୍ମିତା ପଣ୍ଡା, ଡାକ୍ତରୀ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଛତ୍ରପୁର ଏସ୍‌ଡିଜେଏମ କୋର୍ଟ କ୍ୟାଡର ଏପିପି ରାଜେଶ ମିଶ୍ର, ସାମାଜିକ କର୍ମୀ ମନୋଜ ମିଶ୍ର ଓ ଜ୍ୟୋତି ପ୍ରକାଶ ରାଓ ଅଂଶଗ୍ରହଣ କରିଥିଲେ। ରୋଟାରୀ କ୍ଲବ ପକ୍ଷରୁ ସଭାପତି ଡ. ବିମଳ ପ୍ରସାଦ ସାହୁ, ସମ୍ପାଦକ ଦ୍ୱାରକା ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପାତ୍ର, ଏସ୍. ରେଖା ମହାନ୍ତି, ସଜିତ୍ ପଟ୍ଟନାୟକ ସହଯୋଗ କରିଥିଲେ।

## ନିଶା ଦେଇ ଲୁଟ୍ ଅଭିଯୋଗ

ବୁଗୁଡ଼ା,୧୦।୧(କାଳିଚରଣ ଦାଶ):ବୁଗୁଡ଼ା ସିନେମା ହଲ ଛକଠାରେ ଫଟୋ ଷ୍ଟୁଡିଓ କରିଥିବା କୁଶପଲ୍ଲୀ ଗାଁର ସଙ୍ଗମ କୁମାର ବିଷୋୟୀ(୩୨)ଙ୍କୁ ପାନୀୟ ଜଳରେ ନିଶା ଦେଇ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କଠାରୁ ଏକ ଦାମିକିଆ କ୍ୟାମେରା ସହ ସୁନା ମୁଦି ଓ ମନିପର୍ସ ଲୁଟି ନେଇଛନ୍ତି ଯୁବକମାନେ। ଗତ ବୁଧବାର ସକାଳେ ସଙ୍ଗମ ନିଜ ଷ୍ଟୁଡିଓରେ ଥିବା ବେଳେ ଜଣେ ଲୋକ ଆସି କରଚୁଲି ହରିଜନ ସାହି ବିଦ୍ୟାଳୟରେ ଏକ ପ୍ରୋଗ୍ରାମ୍ ଅଛି କହି ସେଠାକୁ ଯିବା ପାଇଁ ୨୦୦ ଟଙ୍କା ଅଗ୍ରିମ ଦେଇଥିଲା। କିଛି ସମୟ ପରେ ସଙ୍ଗମ ସେହି ବ୍ୟକ୍ତିଙ୍କ ବାଇକରେ ବସି ଯାଉଥିବା ବେଳେ ବିରଞ୍ଚିପୁର-ମାଣିତରା ଛକଠାରେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ଏକ ଥଣ୍ଡା ପାନୀୟ ଦେଇ ସେହି ବାଇକରେ ବସିଥିଲେ। ତିନିଜଣ ବସି ବାଇକରେ ଯାଉଥିବା ବେଳେ ଶାଳବଣି ଗାଁ ପାଖରେ ପହଞ୍ଚିବା ବେଳକୁ ସଙ୍ଗମ ଅଚେତ ଅବସ୍ଥାକୁ ଚାଲି ଆସିଥିଲେ ଏବଂ ଏହା ପରେ ଆଉ କିଛି ଜାଣି ପାରିନଥିଲେ। ସନ୍ଧ୍ୟାରେ ତାଙ୍କର ଚେତା ଫେରିଥିଲା ବେଳକୁ ସେ ଉଦୟପୁର ଗ୍ରାମ ନିକଟରେ ନିର୍ମାଣାଧିନ ଏକ ପେଟ୍ରୋଲ ପମ୍ପଠାରେ ତଳେ ପଡିଥିଲେ। ସେ ଧରିଥିବା ୧,୫୩,୦୦୦ ଟଙ୍କାର କ୍ୟାମେରା, ୧୨,୫୦୦ ଟଙ୍କାର ଫ୍ଲାସ୍ ଲାଇଟ୍, ୫୫୦୦ ଟଙ୍କାର ଏକ ବ୍ୟାଟେରୀ ସହିତ ୪ ଗ୍ରାମ ଓଜନର ଏକ ସୁନା ମୁଦି ଓ ମନିପର୍ସ ଆଉ ତାଙ୍କ ପାଖରେ ନଥିଲା। ଖବର ପାଇ ତାଙ୍କର ଘର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ସେ ଗୁରୁବାର ସକାଳେ ଏ ନେଇ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ


ଉପସ୍ଥିତ ଅଧିକାରୀ।

ଭଞ୍ଜନଗର,୧୦।୧(ବାବୁଲା ପ୍ରଧାନ)- ଭଞ୍ଜନଗର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ଶୁକ୍ରବାର ସ୍ଥାନୀୟ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉପ ଜିଲାପାଳ ଅନିଲ କୁମାର ସେଠୀ ବୈଠକରେ ଅଧ୍ୟକ୍ଷତା କରି ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ କିଭଳି ଆନନ୍ଦଉଲ୍ଲାସର ସହ ପାଳିତ ହେବ ସେନେଇ ଆଲୋଚନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ବିବରଣୀ ପାଠ କରିଥିଲେ। ତହସିଲଦାର ଉମା ଶଙ୍କର ବେହେରା, ଏସଆଇପି ପି. ଦେବତା, କେଏସ୍ ୟୁବି କଲେଜ ଏନସିସି ଆର୍ମି ଅଫିସର ରଜନୀକାନ୍ତ ତ୍ରିପାଠୀ, ସୁଶାନ୍ତ ମହାପାତ୍ର, ମୁରଲୀ ପଣ୍ଡା, ନିର୍ବାହୀ ଯନ୍ତ୍ରୀ, ସୁନିଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ୧୬ନଂ. ଜାତୀୟ ରାଜପଥ

## ନିର୍ମାଣ ହେବ ୨ ଓଭରବ୍ରିଜ୍, ୬ ଅଣ୍ଡର ପାସ୍

ଗୋପାଳପୁର,୧୦।୧
(ନବୀନ ରାଜ ଆଚାରୀ)-

■ଆନ୍ଧ୍ର ସୀମାରୁ ପୁଇଁତୋଳା ଛକଯାଏ ପାଲଟିଛି ଡେଥ୍ ଜୋନ
■ଫେବୃୟାରୀରୁ କାମ ଆରମ୍ଭ ହୋଇ ୧୮ ମାସରେ ସରିବ

ଗଞ୍ଜାମ ଜିଲା ଅଧୀନ ୧୬ନଂ. ଜାତୀୟ ରାଜପଥ ଆନ୍ଧ୍ର ସୀମାବର୍ତ୍ତୀଠାରୁ ପୁଇଁତୋଳା ଛକଯାଏ ଡେଥ ଜୋନ ପାଲଟିଛି। ଦୁର୍ଘଟଣାରେରେ ଅନେକ ଜୀବନ ମଧ୍ୟ ହାନି ହୋଇଛି। ଅନେକ ପରିବାର ଉଜୁଡିଯାଇଛି। ଏଠାରେ ଓଭରବ୍ରିଜ୍ ନିର୍ମାଣ ଲାଗି ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଏବେ ସେମାନଙ୍କ ଦାବି ପ୍ରତି ସରରକାର ଗୁରୁତ୍ୱ ଦେଇଛନ୍ତି। ଖୁବଶୀଘ୍ର ଉକ୍ତ ଅଞ୍ଚଳର ଦୁର୍ଘଟଣା ଘଟୁଥିବା ଛକଗୁଡିକରେ ଅଣ୍ଡର ପାସ ଓ ଓଭରବ୍ରିଜ କାମ ଆରମ୍ଭ ହେବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜଗନ୍ନାଥପୁର ଛକ, ଲାଞ୍ଜିପଲ୍ଲୀ ବାଇପାସ୍‌ରେ ବୃହତ୍ତ ଓଭରବ୍ରିଜ ନିର୍ମାଣ ହେବାକୁ ଥିବା ବେଳେ ଛତ୍ରପୁରର ଆଇଆରଇ ଛକ, ହଳଦିଆପଦର, କନିଷି ହାଟ, ରମ୍ଭା, ଗୋଳନ୍ଥରା ଚଟି, ସୁରଳ ଜଙ୍କସନ ଆଦି ସ୍ଥାନରେ ଅଣ୍ଡର ପାସ ନିର୍ମାଣ ହେବ ବୋଲି ମଞ୍ଜୁରି ମିଳିବା ପରେ ଏନେଇ କାର୍ଯ୍ୟାରମ୍ଭ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ପ୍ରକଳ୍ପ ନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଗତ ନଭେମ୍ବରରେ ଟେଣ୍ଡର ଆହ୍ୱାନ କରିଥିଲେ। ଡ଼ିସେମ୍ବରରେ ଟେଣ୍ଡର ପ୍ରକ୍ରିୟା ସରିଛି। ମହାରାଷ୍ଟ୍ର ଓ ଓଡ଼ିଶାର ଏକ ଠିକା ସଂସ୍ଥା ଅଣ୍ଡର ପାସ୍ ଓ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ କରିବ। ଆସନ୍ତା ଫେବୃୟାରୀରୁ କାର୍ଯ୍ୟ ଆରମ୍ଭ ହେବାକୁ ସ୍ଥିର ହୋଇଥିବା ବେଳେ ଏହି କାର୍ଯ୍ୟ ସାରିବାକୁ ୧୮ ମାସ ସମୟ ଅବଧି ରଖାଯାଇଛି।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଞ୍ଜାମ,୧୦।୧(ବିଦ୍ୟାଧର ସାହୁ)- ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ସଲ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଇଓ ସୁଚିତ୍ରା ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପାଣିଗ୍ରାହୀ କହିଲେ, ଝିଅମାନେ ଆତ୍ମରକ୍ଷା କୌଶଳ ଶିଖିବା ସହ ଆତ୍ମବିଶ୍ୱାସୀ ହେଲେ ସେମାନେ ନିଜକୁ ସୁରକ୍ଷିତ କରି ସମାଜ ପାଇଁ ଏକ ଉଦାହରଣ ହୋଇପାରିବେ ବୋଲି ମତ ଦେଇଥିଲେ। ସଂଯୋଜିକା ବନିତା ଶତପଥୀ ସଂଯୋଜନା କରିଥିଲେ। ଅଧ୍ୟାପକ ଗୌରହରି ବେହେରା, ଭରତ ନାହାକ, ସୁଧୀରକାନ୍ତ ପାଢୀ, ଅଧ୍ୟାପିକା ଶର୍ମିଷ୍ଠା ସାମନ୍ତରାୟ, ବାବୁନି ନାୟକ, ସ୍ୱାଗତିକା ମହାନ୍ତି, ଜଗଦୀଶ ବିଶ୍ୱାଳ, ମୋହନ ସୁନ୍ଦର ପଣ୍ଡା, ବିନାୟକ ସାହୁ, ବିଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ରୀତା ଦାସଙ୍କ ପ୍ରଶିକ୍ଷଣରେ ଏହି ତାଲିମ ଶିବିର ୮ ଦିନ ଧରି ଚାଲିବ।

## ବିପୁଳ ପୋଚ ନଷ୍ଟ, ମଦରନ୍ଧା ସରଞ୍ଜାମ ଜବତ

ପାତ୍ରପୁର,୧୦।୧(ଉମା ଚରଣ ନେପାକ) ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନ ଓ ଟିକିଟି ଏସଡିପିଓ ବିଶ୍ୱାମିତ୍ର ହର୍ପାଲଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଏବଂ ପାତ୍ରପୁର ଅତିରିକ୍ତ ତହସିଲଦାର ଦିଲୀପ କୁମାର ଦେହୁରୀଙ୍କ ଉପସ୍ଥିତିରେ ଜରଡା ଥାନା ଅଞ୍ଚଳରେ ଶୁକ୍ରବାର ଚଢ଼ାଉ କରାଯାଇଛି। ମଶାଣିବାଡ, ତାଡକାସାହି, ହରିପୁର, ଠଣଗାଁ ଆଦିଗ୍ରାମର ପାହାଡିଆ ଜଙ୍ଗଲ ଅଞ୍ଚଳ ଓ ନାଳ ନିକଟରେ ଚଢ଼ାଉ ବେଳେ ବହୁ ମଦଭାଟି ନଷ୍ଟ କରାଯିବା ସହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ୨୭୦୦୦ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୧୪୦୦ ଲିଟର ଅପମିଶ୍ରିତ ଦେଶୀ ମଦ, ଡ୍ରମ ଆଦି ଜବତ କରାଯାଇଛି । ଚଢ଼ାଉରେ ଟିକିଟି ଅବକାରୀ ଉପ ଅଧୀକ୍ଷକ କୁମୁଦ ରଞ୍ଜନ କୁଅଁର, ଜରଡା ଥାନା ଅଧିକାରୀ ଟୁନା ସାସମଲ, ବ୍ରହ୍ମପୁର ସଦର ରେଞ୍ଜ ଅବକାରୀ ନିରୀକ୍ଷକ ଅର୍ଜୁନ କୁମାର ମଲ୍ଲିକସାମିଲ ଥିଲେ।

## ଶୁଣିଲାନି ବିଭାଗ, ଗ୍ରାମବାସୀ ତିଆରି କଲେ ରାସ୍ତା



ଟିକିଟି,୧୦।୧(ପ୍ରକାଶ ଚନ୍ଦ୍ର ସାହୁ) ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଶିବ ମନ୍ଦିର ନିକଟରେ ଥିବା କଲଭର୍ଟ ନିକଟରୁ ଶୁକ୍ରବାର ମାଟି ଧସିଛି। ଫଳରେ ସୁରୁଙ୍ଗୀ, ପାତ୍ରପୁର, ଟିକିଟି ଆଦି ଗ୍ରାମକୁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଗ୍ରାମବାସୀ ଜଣାଇବା ପରେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ରାସ୍ତାରେ ମାଟି ପକାଇ ସମତୁଲ କରାଯାଇଥିଲା। ଯାହାଦ୍ୱାରା ୨ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସରକାରଙ୍କ ନିୟମାନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାସ୍ତାରେ ୭ ଟନ ଓଜନର କ୍ଷମତାବିଶିଷ୍ଟ ମାଲବାହୀ ଗାଡି ଯିବାର ନିୟମ ଥିଲେ ସୁଦ୍ଧା ଉକ୍ତ ରାସ୍ତା ଦେଇ ୧୭ ଟନ ଓଜନର ଧାନ, ଚାଉଳ, ବାଲି ଆଦି ବିଭିନ୍ନ ଦ୍ରବ୍ୟ ଧରି ଗାଡିଗୁଡିକ ଯାତାୟାତ କରୁଥିବାରୁ ରାସ୍ତା ଏଭଳି ହେଉଥିବା ଅଭିଯୋଗ ହେଉଛି।

## ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଚାନ୍ଦିପୁଟ,୧୦।୧(କେ ପ୍ରମୋଦ କୁମାର ଦୋରା)- ଚାନ୍ଦିପୁଟ ଲାଲ୍ ବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଓ ମୁଖ୍ୟବକ୍ତା ଭାବେ ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟ ସୁନିଲ ବିଷୋୟୀ, ସମ୍ମାନିତ ଅତିଥି ରୂପେଳ ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ତଥା ପ୍ରଧାନ ଶିକ୍ଷୟିତ୍ରୀ ବୋରଡ଼ା ଗୌରୀ ବିବରଣୀ ପାଠ କରିବା ସହ ବିଦ୍ୟାଳୟରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ପରିଷଦ ସୁନିଲ ଜିଲା ପରିଷଦ ପାଣ୍ଠିରୁ ବିଦ୍ୟାଳୟରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଦୂର ନେଇ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲ।

## ଆଧାର କାର୍ଡ ସଂଶୋଧନରେ ଅବ୍ୟବସ୍ଥା, ଲୋକେ ହଇରାଣ

ସୋରଡା,୧୦।୧(ରଜନୀ ମହାପାତ୍ର)

ସୋରଡାରେ ଆଧାର କାର୍ଡ ସଂଶୋଧନ ପାଇଁ ବିଭିନ୍ନ ସମସ୍ୟା ଦେଖା ଦେଉଛି। ଫଳରେ ଏନେଇ ଅଞ୍ଚଳରେ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ବିଦ୍ୟାଳୟ ଗୁଡିକରେ ଆଧାର କାର୍ଡ ଚାଲୁଥିବା ଯୋଗୁ ଅଧିକ ସଂଶୋଧନ ପାଇଁ ଆବଶ୍ୟକ ହେଉଛି। ଏହା ସହ ସୁଭଦ୍ରା ଯୋଜନା ଏବଂ ଆଧାର କାର୍ଡ ସହ ବ୍ୟାଙ୍କ ଖାତା ଲିଙ୍କ୍ କରିବା ପାଇଁ ଆଧାର କେନ୍ଦ୍ରମାନଙ୍କରେ ଲୋକଙ୍କ ଭିଡ ଜମୁଛି। ମାତ୍ର ଆବଶ୍ୟକ ସଂଶୋଧନ ହୋଇ ନ ପାରିବାରୁ ଅନେକ ଏବେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରମାନଙ୍କ ସବିଶେଷ ତଥ୍ୟ ରଖିବାକୁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପକ୍ଷରୁ ୱାନ ନେସନ ୱାନ ଷ୍ଟୁଡେଣ୍ଟ କାର୍ଯ୍ୟକ୍ରମ ଚାଲିଛି। ଏହି ଯୋଜନାରେ ପ୍ରତି ସ୍କୁଲରେ ଏପିପିଏଆର (ଅଟୋମେଟେଡ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି) ମାଧ୍ୟମରେ ବିଦ୍ୟାର୍ଥୀଙ୍କ ସମସ୍ତ ଡାଟା ରଖାଯାଉଛି। ତେବେ ଆଧାର କାର୍ଡ ନ ମିଶିବାରୁ ଏହାର ସଂଶୋଧନ ଆବଶ୍ୟକ ପଡୁଛି। ଏବେ ଯେଉଁ ସଂସ୍କରଣରେ ଆଧାରର ସଂଶୋଧନ ଚାଲିଛି ସେଥିରେ ନାମ ସଂଶୋଧନ ହେଉନାହିଁ। କେବଳ ଠିକଣା ଓ ବାୟୋମେଟ୍ରିକ ଆଧୁନିକରଣ ସହ ଫୋନ ନମ୍ବର ସଂଯୋଗ ହୋଇପାରୁଛି। ନାମ ସଂଶୋଧନ ପାଇଁ ଉପଲବ୍ଧ ଥିବା ଫର୍ମରେ ବିଧାୟକ, ସରପଞ୍ଚ, କାଉନସିଲର, ଚେୟାରପର୍ସନ ଏବଂ ବିଭିନ୍ନ ପଦାଧିକାରୀଙ୍କ ସୁପାରିଶ ସୁବିଧା ଥିଲେ ମଧ୍ୟ ତାହା କାମ କରୁନି। ଏହାର ବିକଳ୍ପ ଭାବେ ପୁଣିଥରେ ଲୋକଙ୍କୁ ଜାତି, ବାସିନ୍ଦା ପ୍ରମାଣ ପତ୍ରରେ ସଂଶୋଧନ ପାଇଁ କୁହାଯିବା ପରେ ଅନେକ ତହସିଲରେ ଭିଡ ଜମାଉଛନ୍ତି। ଦିନକୁ ଦିନ ଏହି ସଂଶୋଧନ ପ୍ରକ୍ରିୟା ଜଟିଳ ହେବାରେ ଲାଗିଛି। ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ପାଇଁ ଅନଲାଇନ ଆବେଦନ ସହ ସ୍ୱୀକୃତି ପାଇଁ ଅପେକ୍ଷା, କରିବାକୁ ପଡୁଛି। ପୁଣି ଥରେ ଆଧାର କେନ୍ଦ୍ରରେ ଆବେଦନ ପରେ ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ଲାଗୁଛି। ଜଣାପଡିଛି ଯେ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରରେ ମଧ୍ୟ ଆଉ ସଂଶୋଧନ ହୋଇପାରୁନି। ଆଧାର ଆବେଦନ ପ୍ରକ୍ରିୟାରେ ନାମ ସଂଶୋଧନ ହୋଇପାରୁନି। ଏପରିକି ସାଧାରଣ ସଂଶୋଧନ ମଧ୍ୟ ହେଉନି କି କୌଣସି ପ୍ରମାଣପତ୍ର ଦେଲେ ମଧ୍ୟ ତାହା ଅସ୍ୱୀକାର ହୋଇଯାଉଛି। ଏପରି ସ୍ଥିତିରେ ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ କରି ସରଳ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ସହରରେ ଲୁଟପାଟ, ଚୋରି ବୃଦ୍ଧି

ବ୍ରହ୍ମପୁର,୧୦।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ସହରରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେବଳ ଗିରଫ ହୋଇ ଜେଲ ଯିବା ପରେ ଜାମିନରେ ଆସିବାରେ କାର୍ଯ୍ୟାନୁଷ୍ଠାନ ସୀମତ ଥିବାରୁ ଏହି ଘଟଣା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି ବୋଲି ସାଧାରଣରେ କୁହାଯାଇଛି। ପ୍ରତିଦିନ ବିଭିନ୍ନ ଥାନା ଅଞ୍ଚଳରୁ ଲୁଟପାଟ ଚାଲିଛି। ଗତ ୨ଦିନ ଭିତରେ ଏହା ଅଧିକ ମାତ୍ରାରେ ବଢ଼ିଛି। ଲୁଟେରାମାନେ ସକାଳୁ ମର୍ଣ୍ଣିଂୱାକରେ ଯାଉଥିବା ମହିଳା ଓ ରାତିରେ ଯାଉଥିବା ମହିଳାଙ୍କ ଗହଣା ଉପରେ ଟାର୍ଗେଟ କରୁଛନ୍ତି। ଏଥି ସହିତ ମୋବାଇଲ ଧରି ଯାଉଥିବା ଯୁବତୀଯୁବକଙ୍କ ଉପରେ ସେମାନଙ୍କ ନଜର ରହୁଛି। ଖାଲି ସେତିକି ନୁହେଁ ଲୁଟପାଟ ଓ ଚୋରି ବି ବୃଦ୍ଧି ପାଇବାରେ ଲାଗିଛି। ତାଲା ପଡିଥିବା ଘରକୁ ବି ଚୋରମାନେ ଟାର୍ଗେଟ କରୁଛନ୍ତି। ଗତ ୬ ଓ ୭ ତାରିଖରେ ସହରର ୩ ଯୁବକଙ୍କ ଠାରୁ ଅଳଙ୍କାର ଓ ମୋବାଇଲ ଲୁଟ ହୋଇଥିଲା। ୨ ଯୁବକଙ୍କ ଠାରୁ ଦୁଇଟି ମୋବାଇଲ ଲୁଟ ହୋଇଥିବା ବେଳେ ଅନ୍ୟ ଯୁବକଙ୍କ ଠାରୁ ମୋବାଇଲ ଓ ସୁନା ଚେନ, ବ୍ରେସଲେଟ ଲୁଟ ହୋଇଥିବା ବିଏନପୁର ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଚନ୍ଦନିଆ ପାହାଡ ନିକଟ ଡେକାନ କଲେଜରେ ରାତିରେ ଚୋରମାନେ ପଶି ଏକ କମ୍ପ୍ୟୁଟର ହାର୍ଡସିକ୍ସ ଓ ସିସିଟିଭି କ୍ୟାମରୋ ଚୋରି କରି ନେଇଯାଇଛନ୍ତି । ଏନେଇ ବଡବଜାର ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଗୋଷାଣୀନୂଆଗାଁ ଓମବିହାର ୪ର୍ଥ ଲାଇନର ଏକ ନିର୍ମାଣାଧୀନ ଘରୁ ପାଣି ମୋଟର, ସ୍ପ୍ରେ ମୋଟର ଆଦି ଅନେକ ଇଲେକଟ୍ରିକ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଗୋଷାଣୀନୂଆଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଗତ ୮ ତାରିଖ ଶଶିଭୂଷଣ ରଥ କଲେଜର ୭ ଛାତ୍ରୀଙ୍କ ମୋବାଇଲ ଓ ଟଙ୍କା ଲୁଟ ହୋଇଥିଲା। ଛାତ୍ରୀମାନେ କଲେଜ ଭିତରେ ଏକ ବୈଠକରେ ଯୋଗ ଦେଉଥିବା ବେଳେ ସେମାନଙ୍କ ବ୍ୟାଗକୁ ଗୋଟିଏ ସ୍ଥାନରେ ଏକାଠି ରଖିଥିଲେ । ଏହାର ସୁଯୋଗ ନେଇ ଜଣେ ଦୁର୍ବୃତ୍ତ କଲେଜ ଭିତରେ ପଶି ଏହି କାଣ୍ଡ କରିଥିଲେ। ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ ପରେ ଜଣେ ଯୁବକ କଲେଜ ଭିତରେ ପଶି ଏହି ଚୋରି କରିଥିବା ଜଣାପଡିଥିଲା । ଏହାପରେ ଛାତ୍ରୀଙ୍କ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଗତ ୯ ତାରିଖ ଭାବିନୀପୁର ଗୌତମନଗର ଜଣେ ଯୁବକଙ୍କ ଘରୁ ସୁନା ଓ ଟଙ୍କା ଚୋରି ହୋଇଛି । ଚୋର ଧରାପଡିଥିଲେ ବି ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### କପି ଫିଙ୍ଗା ଘଟଣାରୁ ଖଣ୍ଡାଚୋଟ
### ୨ ଭାଇଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୧୦।୧(ସୁବାସ ଚନ୍ଦ୍ର ପାଢ଼ୀ) ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସରକାରୀ ପଲିଟେକନିକ ପରୀକ୍ଷା କେନ୍ଦ୍ରରେ କପି ଫିଙ୍ଗା ଘଟଣାକୁ ନେଇ ଜଣେ ଦ୍ୱିତୀୟ ବର୍ଷ ଛାତ୍ର ଆଶିଷ ମଲିକ(୨୦)ଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୋଲିସ ଏହି ଘଟଣାରେ ତାଙ୍କର ଜଣେ ସହପାଠୀ ସାଇ କିଷାନ ଓରଫ କିଶୋର ଗୌଡ଼(୧୯) ଓ ତାଙ୍କ ଭାଇ ସାଇ କିରଣ ଗୌଡ଼(୨୨)ଙ୍କୁ ବାନ୍ଧିଛି। ସେମାନଙ୍କ ଘର ସଦର ଥାନା ଅନ୍ତର୍ଗତ ଲାଠୀ। ସାଇ କିରଣଙ୍କ ନିକଟରୁ ଏକ ଖଣ୍ଡା ଜବତ ହୋଇଛି। ମାମଲା ନଂ.୨୦/୨୫ ରେ ଦୁଇ ଭାଇଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରି ପୋଲିସ ତଦନ୍ତ ଜାରି ରହିଛି। ପଲିଟେକନିକରେ ଗୁରୁବାର ପରୀକ୍ଷା ହେଉଥିଲା। ପରୀକ୍ଷା ସମୟରେ ସାଇ କିଷାନ ଉକ୍ତ କେନ୍ଦ୍ରରେ ପରୀକ୍ଷା ଦେଉଥିବା ଆଶିଷଙ୍କ ଉପରକୁ କପି ଫୋପାଡ଼ିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରୀକ୍ଷା ସରିବା ପରେ ଆଶିଷ କଲେଜରୁ ବାହାରକୁ ଆସୁଥିବାବେଳେ ପୂର୍ବରୁ ପାଟିତୁଣ୍ଡ ହୋଇଥିବା ସାଇ କିଷାନ ତାଙ୍କ ଭାଇଙ୍କୁ ଫୋନ କରି ଡାକିଥିଲେ। ପରେ ଉଭୟେ ମିଶି ଆଶିଷଙ୍କୁ ସେଠାରେ ଖଣ୍ଡାରେ ହାଣିଥିଲେ। ସେ ଏମକେସିଜିରେ ଭର୍ତ୍ତି ହୋଇଥିବାବେଳେ ବର୍ତ୍ତମାନ ସୁସ୍ଥ ଅଛନ୍ତି। ତାଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଥିଲା।

### ୧୨ରେ ମର୍ଦ୍ଦରାଜ ଜୟନ୍ତୀ

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ)

ଖଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ପକ୍ଷରୁ ଆସନ୍ତା ୧୨ ତାରିଖରେ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୫ ତମ ଜୟନ୍ତୀ ପାଳିତ ହେବ। ଏ ନେଇ ଶୁକ୍ରବାର ଟାଟା ବେଞ୍ଚ ଛକଠାରେ ଥିବା ଏକ ଘରୋଇ ସ୍କୁଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବତନ ଖଲିକୋଟ ବିଧାୟିକା ସ୍ୱର୍ଗତା ସୁଞ୍ଜାନୀ କୁମାରୀ ଦେଓଙ୍କ ସଭାପତିତ୍ୱରେ ୨୦୦୬ରୁ ମର୍ଦ୍ଦରାଜ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ୨୦୨୩ରୁ ଜାନୁଆରୀ ମାସରେ ଗୋଟିଏ ଦିନ ବ୍ରହ୍ମପୁରରେ ମହୋତ୍ସବ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ବିଧାୟିକାଙ୍କ ଦେହାନ୍ତର ୧ ବର୍ଷ ପୂର୍ତ୍ତି ନ ହୋଇଥିବାରୁ ମହୋତ୍ସବ ହେବନି ବୋଲି ପରିଷଦର ସଂପାଦକ ସୁଧାଂଶୁ ଶେଖର ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଡ ଆଦିକନ୍ଦ ସାହୁ ମୁଖ୍ୟବକ୍ତା ଓ ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ ମନ୍ମଥ ପାଢି ଯୋଗ ଦେବା ଯୋଜନା ରହିଛି। ପରିଷଦର ସଭାପତି ଡ ସକେତ ରାମା ରାଓ, ପରିଷଦର ସଦସ୍ୟ ପ୍ରକାଶ ମିଶ୍ର, ସଂସ୍କୃତି ଗବେଷକ ଡ. ହୃଷୀକେଶ ପାଣିଗ୍ରାହୀ ଓ କେସି ପବ୍ଲିକ ସ୍କୁଲ ଅଧକ୍ଷ ଅଶୋକ କୁମାର ମିଶ୍ର ଉପସ୍ଥିତ ଥିଲେ।

### ଶବଦାହ ପାଇଁ ନିଗମରେ ମିଳୁନି କାଠ

ଫୁଲବାଣୀ,୧୦।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଶବ ସତ୍କାର ପାଇଁ କାଠ ମିଳୁ ନ ଥିବା ଅଭିଯୋଗ ହେଉଛି। ମୃତଦେହ ନେଇ ଲୋକେ ବାଧ ହୋଇ ପୁରୀକୁ ଯାଉଛନ୍ତି। ଗତ ବୁଧବାର ବସ ଧକ୍କାରେ ତ୍ରିଲୋଚନ ପ୍ରଧାନ ନାମକ ଗାଡ଼ିମାଲିକଙ୍କର ମୃତ୍ୟୁ ଘଟିଥିଲା। ଶବ ସତ୍କାର ପାଇଁ କାଠ ନିଗମରେ କାଠ ଉପଲବ୍ଧ ହୋଇପାରିଲାନି। ଫଳରେ ଶବଦାହ ପାଇଁ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହୋଇଥିଲା।

ବିଭିନ୍ନ ସମୟରେ ଶବଦାହ ପାଇଁ କାଠ ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି। କନ୍ଧମାଳ ଜିଲାରେ ୭୨% ଜଙ୍ଗଲ ରହିଛି। ଜଙ୍ଗଲରେ କାଠ ପଡି ଶୁଖି ନଷ୍ଟ ହେଉଛି। କାଠ ବାହାର ଜିଲାକୁ ଚାଲାଣ ହୋଇପାରୁଛି। ନିଗମର ଏସ୍‌ଡିଏମ୍ ପଦକ୍ଷେପ ନ ନେବାରୁ କାଠ ସଂଗ୍ରହ ହୋଇପାରୁନାହିଁ। ଅପରପକ୍ଷରେ ତିନିବର୍ଷ ତଳେ ଶବ ସତ୍କାର ପାଇଁ ମୁନିସିପାଲିଟି ପକ୍ଷରୁ ଇଲେକ୍ଟ୍ରିକ ଚୁଲା ନିର୍ମିତ ହୋଇଥିଲେ ମଧ କାର୍ଯ୍ୟକ୍ଷମ ହୋଇନାହିଁ। ଏହା ରହସ୍ୟମୟ ହୋଇ ରହିଛି। ଫୁଲବାଣୀର ସର୍ବସାଧାରଣ ନିଗମରେ କାଠ ଉପଲବ୍ଧ କରାଇବାକୁ ଓ ଇଲେକ୍ଟ୍ରିଚୁଲା କାର୍ଯ୍ୟକ୍ଷମ କରାଯିବାକୁ ଦାବି କରିଛନ୍ତି। କ୍ଷିପ୍ର ନ୍ୟାୟିକ ମଞ୍ଚ ପକ୍ଷରୁ ପ୍ରଶାସନକୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏବିଭିପିର ଶାଖା ଗଠିତ



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏବିଭିପି ଶାଖା ସଦସ୍ୟମାନେ।

ବ୍ରହ୍ମପୁର,୧୦।୧(ସ୍ୱାଧୀନଶେଖରପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପକ୍ଷରୁ ଶାଖା ଗଠିତ । ମୁଖ୍ୟ ଅତିଥି ଭାବେ ଏବିଭିପି ଓଡ଼ିଶାର ପ୍ରାନ୍ତ ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଘ ଓ ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ ଉପସ୍ଥିତ ଥିଲେ । ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜକ ସୁନୀଲ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାନ୍ତ ସଂଗଠନ ସମ୍ପାଦକ ଛାତ୍ରୀଛାତ୍ରଙ୍କୁ ଦେଶଭକ୍ତ ହୋଇ ରାଷ୍ଟ୍ର ପୁନଃ ନିର୍ମାଣରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସମ୍ପାଦକ ଏବିଭିପି ଦ୍ୱାରା ସାରା ରାଜ୍ୟରେ ହେଉଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସଂଯୋଜକ ଅନୀଲ କୁମାର ସ୍ୱାଇଁଙ୍କ ଦ୍ୱାରା ଛାତ୍ର ନେତାମାନଙ୍କୁ ଦାୟିତ୍ୱ ବଣ୍ଟନ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାଖାର ସଭାପତି ଦାୟିତ୍ୱରେ ରାଜ କିଶୋର ପ୍ରଧାନ, ସମ୍ପାଦକ ଦାୟିତ୍ୱରେ ରାଧା ମୋହନ ପଣ୍ଡା ଅଛନ୍ତି। ସେହିଭଳି ସ୍ୱସ୍ତି ସୁନ୍ଦର ଓ ଅଜିତ ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଛନ୍ତି। ଉପସଭାପତି ଭାବେ ସୌମ୍ୟାଶଶି ଗିରୀ,ଶିଶିର ପ୍ରଧାନ ଓ ଶିବାନନ୍ଦ ସାହୁ ହୋଇଥିବା ବେଳେ ସହ ସମ୍ପାଦକ ଭାବେ ସାଇରାମ ସାହୁ,ଏସଏଫଡ଼ି ସଂଯୋଜକ ଶକ୍ତିମାନ ଅଛନ୍ତି। ବିଭିନ୍ନ ଛାତ୍ରଙ୍କୁ ଆଗାମୀ ଦିନରେ କ୍ୟାମ୍ପସର ସୁରକ୍ଷା ଓ ବିକାଶ ପାଇଁ ଏବିଭିପି ଶାଖା କାର୍ଯ୍ୟ କରିବ ବୋଲି ଶାଖା ସଭାପତି ରାଜ କିଶୋର ନିଜର ମତ ପ୍ରକାଶ କରିଛନ୍ତି । ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ କ୍ୟାମ୍ପସ ରେ ଏବିଭିପି ନିଜର ଶାଖା ଗଠନ କରିବା ସହିତ ଛାତ୍ର ସଂସଦ ନିର୍ବାଚନ ପାଇଁ ଆମେ ପୂର୍ଣ୍ଣ ପ୍ରସ୍ତୁତ ବୋଲି ବିଭାଗ ସଂଯୋଜକ ଅନୀଲ ସ୍ୱାଇ କହିଛନ୍ତି।

## ଶୁଭ କାର୍ଯ୍ୟରେ ଗଛ ଉପହାର ପାଇଁ ପରାମର୍ଶ

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ) ଜାତୀୟ ହାଉସ୍ ପ୍ଲାଣ୍ଟ ଦିବସ ଅବସରରେ ସବୁଜ ବାହିନୀ ପକ୍ଷରୁ ଶୁକ୍ରବାର ଆନ୍ଧ୍ର ମହିଳା ସମାଜମ ଗୃହ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଇ ଟି ରାଓ ଏବଂ ସମ୍ମାନିତ ଅତିଥି ଭାବେ ଆନ୍ଧ୍ର ମହିଳା ସମାଜମର ସଭାପତି ମୋନିଙ୍ଗି କାମେଶ୍ୱରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଆପାର୍ଟମେଣ୍ଟର ମୁଖ୍ୟ, ସ୍ୱେଚ୍ଛାସେବୀ ଓ ଆନ୍ଧ୍ର ମହିଳା ସମାଜମର ମହିଳାଙ୍କୁ ହାଉସ ପ୍ଲାଣ୍ଟ ତଥା ଇନଡୋର ପ୍ଲାଣ୍ଟ ଘରେ ରଖିବା ଦ୍ୱାରା ଉପଲବ୍ଧି ଓ ଲାଭଦାୟକ ସମ୍ପର୍କରେ ସଚେତନତା କରାଯାଇଥିଲା। ଗଛ ପରିବେଶ ସୁରକ୍ଷା ସହ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଗଛକୁ ଘର ଏବଂ କାର୍ଯ୍ୟସ୍ଥଳୀରେ ରଖିବା ଦ୍ୱାରା ବ୍ୟସ୍ତବହୁଳ ମଣିଷର ମାନସିକ ଚାପ କିଛି ମାତ୍ରାରେ ଦୂର ହୋଇପାରିବ। ଏଥିସହ ଗଛ ସ୍ମରଣଶକ୍ତି, ଶୁଦ୍ଧବାୟୁ, ସକରାତ୍ମକ ଚିନ୍ତାଧାରାରେ ଉନ୍ନତି ଆଣିପାରିବ। ତେଣୁ ସମାଜରେ ଅନୁଷ୍ଠିତ ବିବାହ, ଜନ୍ମଦିନ, ଗୃହ ପ୍ରବେଶ ତଥା ଅନ୍ୟାନ୍ୟ ଶୁଭକାର୍ଯ୍ୟରେ ଗଛଟିଏ ଉପହାର ଦେବାପାଇଁ ସବୁଜ ବାହିନୀ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ତାଜ ନର୍ସରୀ ପରିଚାଳକ ନାଜମୁଲ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର ପାତ୍ର ଓ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଉପସ୍ଥିତ ରହି ଦିବସର ମହତ୍ତ୍ୱ ସଂପର୍କରେ କହିଥିଲେ। ସବୁଜ ବାହିନୀ ସମ୍ପାଦକ ଏ ପ୍ରକାଶଙ୍କ ସମେତ ଗଣେଶ ପାଣିଗ୍ରାହୀ, ପି ବିନୋଦ, ଅରବିନ୍ଦ ଦେଶୀବେହେରା, ବନମାଳୀ ପ୍ରଧାନ, ପ୍ରବୀଣ ନାୟକ, ଏସ ରବି କୁମାର, ଅନୀଲ ଚୌଧୁରୀ, ପି କିରଣ କୁମାର, ଅଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଜାତୀୟ ଉର୍ଜା ମେଳାରେ ବ୍ରହ୍ମପୁର ଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ) ଟିପିଏସ ଓଡିଏଲ ସହଯୋଗରେ ବ୍ରହ୍ମପୁରର ଛାତ୍ରୀ ଅନୁଷ୍କା ସାହୁ ଜାତୀୟ ଉର୍ଜା ମେଳାରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଥମ ହୋଇଛନ୍ତି। ଦିଲୀର ଟାଟା ପାୱାର ଡିଡିଏଲ ପ୍ରଶିକ୍ଷଣ କେନ୍ଦ୍ରରେ ଉକ୍ତ ମେଳା ହୋଇଥିଲା। ପ୍ରଦର୍ଶନୀରେ ଅନୁଷ୍କାଙ୍କ ପ୍ରକଳ୍ପ ଏରୋ ପ୍ୟାଜୋ ଫ୍ୟୁଜନକୁ ବିଚାରକ ଓ ଦର୍ଶକମାନେ ପ୍ରଶଂସା କରିଥିଲେ। ପ୍ରକଳ୍ପରେ ଶକ୍ତି ଉତ୍ପାଦନ ଓ ପରିବେଶ ସୁରକ୍ଷା ସଂପର୍କରେ ନୂତନ ଧାରଣା ପ୍ରଦର୍ଶନ କରାଯାଇଥିଲା। ଶିକ୍ଷୟିତ୍ରୀ ତୃପ୍ତି ରାଣୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍କା ଉକ୍ତ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ବିଜ୍ଞାନ ଓ ସୃଜନଶୀଳତାର ସମନ୍ୱୟ ଦେଖିବାକୁ ମିଳିଥିଲା। ଅକ୍ଷୟ ଶକ୍ତିର ଉପଯୋଗ ଓ ପରିବେଶ ପ୍ରଦୂଷଣ ହ୍ରାସ କରିବା ପ୍ରକଳ୍ପର ଉଦ୍ଦେଶ୍ୟ। ଏହି ପ୍ରକଳ୍ପରେ ପ୍ୟାଜୋ ଇଲେକଟ୍ରିକ ଜେନେରେଟର, ପବନ ଚାଳିତ ଟର୍ବାଇନ ଓ ଜୋତା ବ୍ୟବହାର ହୋଇଛି। ଏଭଳି ପ୍ରକଳ୍ପ ଶକ୍ତି ଉତ୍ପାଦନ ସହ ପରିବେଶ ସ୍ୱଚ୍ଛ ରଖିବାରେ ସହାୟକ ହେବ। ଅନୁଷ୍କା କହିଛନ୍ତି ଯେ, ଏହି ପ୍ରକଳ୍ପ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କରିବାରେ ସାହାଯ୍ୟ କରିବ। ଟିପିଏସଓଡିଏଲ ଏଭଳି ସୁଯୋଗ ଦେଉଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଜାତୀୟ ଉର୍ଜା ମେଳାରେ ଅନୁଷ୍କାଙ୍କ ସଫଳତା ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଖେଳକୁଦ ପ୍ରତିଯୋଗିତା



ଖେଳ ପ୍ରତିଯୋଗିତାରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୧୦।୧(ସ୍ୱାଧୀନଶେଖରପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗ ପକ୍ଷରୁ ୪୭ତମ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଖେଳକୁଦ ଉପରେ ଅଧିକ ଗୁରୁତ୍ୱ ଦେଇ ଅଧିକରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଭାଗ ନେବା ପାଇଁ କହିଥିଲେ । ଶାରୀରିକ, ମାନସିକ, ଶୃଙ୍ଖଳିତ କ୍ରୀଡ଼ାରୁ ହିଁ ହୋଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କୁଳସଚିବେ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଛାତ୍ର ଉନ୍ନୟନର ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ ଉପସ୍ଥିତ ଥିଲେ। ପିଇଓ ରବି ଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ୧୫୦୦,୧୦୦,୪୦୦,୨୦୦,୮୦୦ ମିଟର ଦୌଡ଼,ସଟପୁଟ, ଉଚ୍ଚ ଡ଼ିଆଁ, ଲମ୍ବ ଡ଼ିଆଁ, ଜାଭଲିନ ଥ୍ରୋ, ଟ୍ରିପୁଲ ଜାମ୍ପ, ରିଲେ ଦୌଡ଼, ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ପୁରୁଷ ବର୍ଗରେ ଇତିହାସ ବିଭାଗର ହରେକୃଷ୍ଣ ଅଧିକାରୀ ବ୍ୟକ୍ତିଗତ ଚାମ୍ପିଅନ ହୋଇଥିବା ବେଳେ ମହିଳା ବର୍ଗରେ ପରିବେଶ ବିଜ୍ଞାନ ବିଭାଗର ଆକାଂକ୍ଷା ବାନଚୋର ଚାମ୍ପିଅନ ହୋଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମ୍ୟୁଜିକାଲ ଚେୟାରରେ ମହିଳା ଅଧାପିକାଙ୍କ ମଧ୍ୟରେ ଗଣିତ ବିଭାଗର ଅଧାପିକା ରେଣୁ ବାଳା ଶାନ୍ତି ପ୍ରଥମ,ସାମାଜିକ ବିଜ୍ଞାନ ବିଭାଗର ଅଧାପିକା ରଶ୍ମି ରେଖା ଜେନା ଦ୍ୱିତୀୟ,ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅଧାପିକା ଡ଼. ନେହା ପାଣ୍ଡେ ତୃତୀୟ ହୋଇଥିଲେ। ଡ଼. ଜୟନ୍ତ କୁମାର ପଣ୍ଡା, ଡ଼. ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା, ଡ଼. ବନ୍ଦିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ରାଜେଶ କୁମାର ମହାନ୍ତି, ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଟି. ଶିବାନନ୍ଦ ବର୍ମା, ସୁଧାକର ବିଷୋୟୀ,ସୁନିତା ପାତ୍ର,ମନୋଜ କୁମାର ଶତପଥୀ, ଋକୁ ସେଠୀ, ଏସ. କ୍ରୀଷ୍ଣା ରେଡି, ଧନେଶ୍ୱର ଦାଶ, ରବୀନ୍ଦ୍ର ବେହେରା, ଜେ. ଜଗନ୍ନାଥ ରାଓ ପ୍ରମୁଖ ସହଯୋଗ କରିଥିଲେ।

## ବ୍ରହ୍ମପୁର-ରାଉରକେଲା ନୂଆ ଓଏସଆରଟିସି ବସର ଶୁଭାରମ୍ଭ

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର- ରାଉରକେଲା ଓଏସଆରଟିସି ନୂତନ ବସ ଶୁକ୍ରବାର ଉଦଘାଟିତ ହୋଇଯାଇଛି।ଏ ନେଇ ବ୍ରହ୍ମପୁର ସ୍ଥିତ ଓଏସଆରଟିସି ବସ ଡିପୋରେ ଏକ ଉଦଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ପରିବହନ, ବାଣିଜ୍ଯ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ବସର ଶୁଭାରମ୍ଭ କରିଥିଲେ। ଏହି ବସଟି ରାଉରକେଲା ଭାୟା ଆସ୍କା, ଭଞ୍ଜନଗର, ଫୁଲବାଣୀ, ସମ୍ବଲପୁର, ରାୟଗଡା ଓ ସୁନ୍ଦରଗଡ ଯାତାୟାତ କରିବ। ବସଟି ଶୀତତାପ ନିୟନ୍ତ୍ରିତ ସହ ୫୦ ସିଟ ରହିଛି। ପ୍ରତ୍ୟହ ସନ୍ଧ୍ୟା ୭ଟା ୩୦ରୁ ବସଟି ବ୍ରହ୍ମପୁରରୁ ବାହାରି ସନ୍ଧ୍ୟା ୬ଟା୩୦ରେ ରାଉଲକେଲାରେ ପହଂଚିବ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଂପାଦକ ତୁଫୁନ ପାତ୍ର, ଭାଜପା ଗଞ୍ଜାମ ଜିଲା ସଭାପତି ଶିବ ଶଙ୍କର ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟାନନ୍ଦ ମହାରାଜ, ଓବିସି ମୋର୍ଚ୍ଚା ସଭାପତି ମଦନ ପାତ୍ର, ମିଡିଆ ସଂଯୋଜକ ସୁନୀଲ ସାହୁ, ଆଂଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ ଓ ଜିଲା ପରିବହନ ପରିଚାଳକ ଶାନ୍ତନୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ଖେଳାଳିଙ୍କ ପରଲୋକ



ବ୍ରହ୍ମପୁର,୧୦।୧(ସ୍ୱାଧୀନ ଶେଖର ପାଢ଼ୀ) ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ଖେଳାଳି ଡି. ଶ୍ରୀରାମ ମୂର୍ତ୍ତି (୮୮)ଙ୍କ ହରିହରନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଗତ ୯ ତାରିଖ ପରଲୋକ ହୋଇଛି। ସେ ୨୧ ମ୍ୟାଚ ଖେଳି ଜିଲା ଓ ରାଜ୍ୟ ପାଇଁ ବହୁ ସୁନାମ ଆଣିଥିଲେ। ଅନେକ ଅନୁଷ୍ଠାନ ତରଫରୁ ସମ୍ମାନ ପତ୍ର, ପୁରସ୍କାର ପାଇଥିଲେ। ଓଡ଼ିଶା ରାଜ୍ୟ ସଡକ ପରିବହନ ବିଭାଗରେ ଚାକିରି କରି ସେ ଅବସର ନେଇଥିଲେ। ୭ ବର୍ଷ ହେଲା ଉକ୍ତ ପ୍ରତିଷ୍ଠାନରେ ରହୁଥିଲେ। କିଛି ବର୍ଷ ହେବ ହୃଦରୋଗରେ ଆକ୍ରାନ୍ତ ଥିଲେ। ଡା. ନକୁଳ ସାହୁଙ୍କ ସମେତ ବହୁ କ୍ରିକେଟ ପ୍ରେମୀ ଓ ବନ୍ଧୁବର୍ଗ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଚିନିଶିଳ୍ପ ପକ୍ଷରୁ ବ୍ୟାଙ୍କର୍ସ ମିଟ୍

ଆସିକା,୧୦।୧(ସୁରେନ୍ଦ୍ର ନାଥ ସାହୁ):

ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଶୁକ୍ରବାର ଚିନିଶିଳ୍ପ କୃଷକ ଭବନ ଠାରେ ବ୍ୟାଙ୍କର୍ସ ମିଟ ଅନୁଷ୍ଠିତ ହୋଇଯାଇଛି। ପରିଚଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା, ଚିନିଶିଳ୍ପର ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ବରାଡ, ଗୀତା ପାତ୍ର, ଧର୍ମୁ ପ୍ରଧାନ, ବିଭିନ୍ନ ଜାତୀୟକରଣ ଓ ଆଞ୍ଚଳିକ ବ୍ୟାଙ୍କର ମୁଖ୍ୟ ଓ ଶାଖା ପ୍ରବନ୍ଧକ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଓ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କର ସଂପାଦକ ଓ ଶାଖା ପ୍ରବନ୍ଧକ, ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ, ଡିଜିଏମ, ନାବାର୍ଡ ଓ ଏଲଡିଏମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଖୁଚାଷ ଲାଗି ନିୟମତି ଫସଲ ଋଣ ପ୍ରଦାନ, ଆଖୁଚାଷ ଫସଲ ବୀମା ବ୍ୟବସ୍ଥା, ଜଳ ଉତ୍ସ ସ୍ଥାପନ ନିମନ୍ତେ ଦୀର୍ଘ ମିଆଦି କୃଷିଋଣ ପ୍ରଦାନ ଆଦି ଉପରେ ଏଥିରେ ଆଲୋଚନା କରାଯାଇଥିଲା । ପ୍ରାଥମିକ କୃଷି ସମବାୟ ସମିତି ମାନେ ନିଜସ୍ୱ ଉଦ୍ୟମରେ ଆଖୁ ଚାଷର ସଂପ୍ରସାରଣ କଲେ ସେମାନଙ୍କୁ ଚିନିଶିଳ୍ପ ପକ୍ଷରୁ ପ୍ରୋତ୍ସାହନ ପ୍ରଦାନ ପାଇଁ ନିଷ୍ପତି ହୋଇଥିଲା । ଆଖୁଚାଷର ବୀମା ସମ୍ପର୍କରେ ଚାଷିମାନଙ୍କୁ ସଚେତନ କରାଯିବ। ଆଖୁଚାଷିଙ୍କୁ ଫସଲ ଋଣ ପ୍ରଦାନ ଓ ଆନୁସଙ୍ଗିକ ବିଷୟ ଉପରେ ପ୍ରତି ୩ମାସରେ ଥରେ ସମସ୍ତ ବ୍ୟାଙ୍କ ପ୍ରତିନିଧିଙ୍କୁ ନେଇ ଏଭଳି ବୈଠକ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ।

## କର୍ମଚାରୀଙ୍କୁ ଆକ୍ରମଣ କରି ୯୦ ହଜାର ଲୁଟ

ବ୍ରହ୍ମପୁର,୧୦।୧(ସୁବାସ ଚନ୍ଦ୍ର ପାଢ଼ୀ) ଏକ ବେସନ ମିଲରେ କାମ କରୁଥିବା ଜଣେ କର୍ମଚାରୀଙ୍କୁ କେତେକ ଦୁର୍ବୃତ୍ତ ଆକ୍ରମଣ କରି ତାଙ୍କ ଠାରୁ ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ସୁବାସ ସାହୁ ଏନେଇ ବଡ ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଲକ୍ଷ୍ମୀ ନୃସିଂହ ସାହି ନିବାସୀ ତଥା ଫାଷ୍ଟ ଗେଟ ଅଟୋ ନଗର ଅଞ୍ଚଳରେ ଥିବା ଏକ ବେସନ ମିଲରେ ସୁବାସ ଗୁମୁସ୍ତା କାମ କରନ୍ତି। ସହରର ବିଭିନ୍ନ ଦୋକାନକୁ ବେସନ ଯୋଗାଣ ହେଉଥିବା ବେଳେ ଗତ ୮ତାରିଖରେ ସୁବାସ ବିଭିନ୍ନ ଦୋକାନୀଙ୍କ ଠାରୁ ବେସନ ବାବଦକୁ ଟଙ୍କା ଆଦାୟ କରି ଉକ୍ତ ମିଲକୁ ଫେରୁଥିଲେ। ସ୍ଥାନୀୟ ପୁରୁଣା ପଦ୍ମଶ୍ରୀ ହଲ ନିକଟରେ ମୁଖା ପିନ୍ଧା ଦୁଇଜଣ ଯୁବକ ସ୍କୁଟିରେ ଆସି ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ପରେ ସେମାନେ ସୁବାସଙ୍କ ପାଖରେ ଥିବା ୯୦ ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେ ଏନେଇ ଚିତ୍କାର କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ପରେ ସେ ମାଲିକଙ୍କୁ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ୩ ଲୁଟେରା ଗିରଫ, ୧୦ ମୋବାଇଲ ଜବତ



୩ ଅଭିଯୁକ୍ତ ପୋଲିସ କବ୍ଜାରେ।

ବ୍ରହ୍ମପୁର, ୧୦।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ସହରରେ ମୋବାଇଲ ଲୁଟେରା ଗ୍ୟାଙ୍ଗ ସକ୍ରିୟ ରହିବା ସହ ବିଭିନ୍ନ ସ୍ଥାନରେ ଛିନତାଇ କରିବାରେ ଲାଗିଥିଲେ। ପୋଲିସ ଏହି ଗ୍ୟାଙ୍ଗକୁ ଧରିବା ପାଇଁ ଯୋଜନା ଚଳାଇଥିଲା। ବଡବଜାର ପୋଲିସ ୩ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଶୁକ୍ରବାର ବାନ୍ଧିଛି। ସେମାନେ ହେଲେ ଭଞ୍ଜନଗର ଜମାପଲି କନ୍ଧସାହିର ଏମ.ଅନିଲ(୨୨), ଏମ. ରାଜୁ(୩୯)ଓ ଏ. ପାଉଲୁ (୨୦)। ପୋଲିସ ସେମାନଙ୍କ ନିକଟରୁ ୧୦ ମୋବାଇଲ ଜବତ କରିଛି। ସେହିପରି ସେମାନେ ଘଟଣା ବେଳେ ବ୍ୟବହାର କରିଥିବା ବାଇକ ମଧ୍ୟ ଜବତ କରିଛି। ଗତ କିଛିଦିନ ହେଲା ସେମାନେ ଭଞ୍ଜନଗରରୁ ଆସି ଏହି କାଣ୍ଡ ଘଟାଇ ନିଜ ନିଜର ଘରକୁ ଚାଲିଯାଉଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ମୋବାଇଲ ଟ୍ରାକିଂ ଓ ସିସିଟିଭି ଫୁଟେଜରୁ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ମାମଲା ନଂ୧୬/୨୫ ରେ ଲୁଟେରା ମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗୋଟିଏ ପଟେ ମୋବାଇଲ ଲୁଟେରା ରାକେଟ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ,ବଜାର, କଲେଜ ଛକ ଇତ୍ୟାଦିରୁ ବିଦ୍ୟାର୍ଥୀ ଓ ସାଧାରଣ ଲୋକଙ୍କ ମୋବାଇଲ ଝିମ୍ପି ନେଉଥିଲେ। ଗୁରୁବାର ବଡବଜାର ଥାନା ଅନ୍ତର୍ଗତ ତ୍ରିବେଣୀ ନଗରରେ ରହୁଥିବା ରମେଶ ଚନ୍ଦ୍ର ମହାରଣାଙ୍କ ମୋବାଇଲ ଦୁର୍ବୃତ୍ତମାନେ ଝିମ୍ପି ନେଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ମୋବାଇଲ ଟ୍ରାକିଂ କରି ଲୁଟେରା ଗ୍ୟାଙ୍ଗକୁ କାବୁ କରି ଥାନାକୁ ଆଣି ଜେରା କରିଥିଲା।

## ପାହାଡ଼ ଚଢ଼ି ଗପଦରବାସୀଙ୍କ ସମସ୍ୟା ବୁଝିଲେ ବିଧାୟକ

ଭଞ୍ଜନଗର,୧୦।୧(ବାବୁଲା ପ୍ରଧାନ): ଗଞ୍ଜାମ, କନ୍ଧମାଳ ଏବଂ ନୟାଗଡ଼ ଜିଲା ସୀମାରେ ଥିବା ଗପଦର୍ ଗ୍ରାମଟି ଭଞ୍ଜନଗର ବ୍ଲକ ଦୋମୁହାଣି ପଞ୍ଚାୟତ ଅଧୀନରେ ରହିଛି। ପାହାଡ ଉପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏହି ଗ୍ରାମକୁ ଅନେକ ସରକାରୀ ସୁବିଧା ପହଞ୍ଚି ପାରୁନାହିଁ। ସରକାରୀ ବାବୁମାନେ ବିଭିନ୍ନ ବାହାନା ଦେଖାଇ ଗ୍ରାମର ବିକାଶ କରୁ ନ ଥିଲେ। ଗାଁ ସ୍ଥାପନଠାରୁ ସେଠାକୁ କୌଣସି ବିଧାୟକଙ୍କ ପାଦ ପଡି ନ ଥିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଗ୍ରାମର ୨୦ ପରିବାର ଗତ ମାସରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଭେଟି ଭାଜପାରେ ଯୋଗ ଦେଇଥିଲେ। ଗ୍ରାମବାସୀ ସୋରିଷ ଫୁଲ ଦେଇ ବିଧାୟକଙ୍କୁ ଗ୍ରାମକୁ ନିମନ୍ତ୍ରଣ କରିଥିଲେ। ତେଣୁ ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ବିଧାୟକ ନାୟକ ଶୁକ୍ରବାର ଉକ୍ତ ଗ୍ରାମକୁ ଯାଇଥିଲେ। ପାହାଡ଼ରେ ପ୍ରାୟ ୮ କିମି ଚାଲି ବିଧାୟକ ଉକ୍ତ ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ଗପଦର ଗ୍ରାମରେ ପାନୀୟଜଳ, ବିଦ୍ୟୁତ୍‌ସେବା, ସ୍କୁଲ ସୁବିଧା ନାହିଁ। ପାଠପଢ଼ିବାକୁ ହେଲେ ଛାତ୍ରୀଛାତ୍ରମାନେ ୮ କିମି ତଳକୁ ଚାଲକି ଆସନ୍ତି। ତେଣୁ ଅନେକ ପିଲା ପାଠ ଛାଡି ଦିଅନ୍ତି। କେହି ଗୁରୁତର ଅସୁସ୍ଥ ହେଲେ ବିପଦ ବଢ଼ି ଯାଇଥାଏ। ଏସବୁ ସମସ୍ୟାଗୁଡିକୁ ଖୁବ ଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ପୁଣି ୮ କିମି ଚାଲି ସନ୍ଧ୍ୟା ପ୍ରାୟ ସାଢ଼େ ୭ ଟାରେ ତଳକୁ ଓହ୍ଲାଇଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ସଂପୃକ୍ତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ ନରୀସଭା ନାୟକ, ବିଡ଼ିଓ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ, ରବି ମଲିକ, ରଜତ ଦାସ, ସୁଶାନ୍ତ ଗୌଡ, ଲିଟୁ ପ୍ରଧାନ, ବିଜୟ ମିଶ୍ର, ପ୍ରମୋଦ ଭୋଇ , ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଆଜିଠୁ ବୁଲା ଗୋରୁ ମାଲିକଙ୍କୁ ଜରିମାନା

ବ୍ରହ୍ମପୁର,୧୦।୧(ସ୍ମୃତି ରଞ୍ଜନ ମହାଲିକ) ବୁଲା ଗୋରୁଙ୍କ ଅବାଧ ବିଚରଣ ଓ କୁକୁରଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ଅଧକ୍ଷତାରେ ଏକ ବୈଠକ ମେୟରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋରୁ ମାଲିକମାନେ ରାସ୍ତାରେ ଗୋରୁଙ୍କୁ ଛାଡିଲେ ଶନିବାରଠାରୁ ୩୦୦ଟଙ୍କା ଜରିମାନା ଆଦାୟ କରାଯିବ। ସେହିପରି କୁକୁର ବନ୍ଧ୍ୟାକରଣ ପାଇଁ ପ୍ରାଣୀ ଚିକିତ୍ସାଳୟଠାରେ ନିର୍ମିତ ଗୃହରେ ବୁଲା କୁକୁରଙ୍କ ଧରି ରଖାଯିବ। ବନ୍ଧ୍ୟାକରଣ ପର୍ଯ୍ୟନ୍ତ ସେମାନଙ୍କୁ ଖାଦ୍ୟ ଯୋଗାଣ ପାଇଁ ଟେଣ୍ଡର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ନିଗମର ୨୯ ନଂ ୱାର୍ଡ ଅନ୍ତର୍ଗତ ଶ୍ମଶାନ ପଛ ପାର୍ଶ୍ୱରେ କାଞ୍ଜିଆ ହୁଦାରେ ୬୦ ଗୋରୁ ଓ ୫୦ରୁ ଉର୍ଦ୍ଧ୍ୱ ବୁଲା କୁକୁର ରହିବା ବ୍ୟବସ୍ଥା ହେବ। ଡେପୁଟି କମିଶନର ଆଶୀର୍ବାଦ ପରିଡା, ପ୍ରାଣୀ ଚିକିତ୍ସାଳୟ ବିଶେଷଜ୍ଞ ଡ ସତ୍ୟ ନାରାୟଣ କର, ଡ ସୋମିକ ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ଇଂ ସୁଶାନ୍ତ ଡୁଙ୍ଗଡୁଙ୍ଗ, କନିଷ୍ଠ ଯନ୍ତ୍ରୀ ଇଂ ସୃତିକା କୁମାରୀ ପାତ୍ର ଉପସ୍ଥିତ ଥିଲେ।

